# ଲଘୁଚାପ ପ୍ରଭାବରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା

## ପ୍ରମୁଖ ନଦୀର ଜଳସ୍ତର ହ୍ରାସ ପାଉଛି

## ହୀରାକୁଦର ୪ ଟି ଗେଟ୍ ବନ୍ଦ କରାଗଲା

ତା.୧୯/୦୮/୨୦୨୨

ରାଜ୍ୟର ବନ୍ୟାସ୍ଥିତି ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ପ୍ରଦୀପ ଜେନା କହିଲେ ଯେ, ହୀରାକୁଦର ଜଳ ପ୍ରବାହର ସ୍ଥିତିକୁ ଦେଖି ଆଉ ୪ଟି ଗେଟ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି । ଏବେ ହୀରାକୁଦରେ ୨୪ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଥିବାବେଳେ ୪ଟି ଗେଟ୍ ବନ୍ଦ ହେବା ପରେ ୨୦ଟି ଗେଟ୍ ଖୋଲାରହିବ । ଆଜି ଅପରାହ୍ନରେ ହୀରାକୁଦର ଜଳପତ୍ତନ ୬୨୧.୮୧ ଫୁଟ୍ ଅଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୩୭ ହଜାର ୩୪୧ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୩ ଲକ୍ଷ ୫୦ ହଜାର ୨୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଖଇରମାଳଠାରେ ୬ ଲକ୍ଷ ୩୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଅଛି । ବଡମୂଳଠାରେ ୮ ଲକ୍ଷ ୧୯ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଅଛି । ସେହିପରି ମୁଣ୍ଡଳୀଠାରେ ୯ ଲକ୍ଷ ୪୮ ହଜାର ୯୦୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଅଛି । ମୁଣ୍ଡଳୀ ସମେତ ସବୁ ସ୍ଥାନରେ ଜଳସ୍ତର କ୍ରମଶଃ ହ୍ରାସ ପାଉଛି ।

ଆଗାମୀ ୨୦ ଓ ୨୧ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହେବ । ଏହାର ପ୍ରଭାବରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହି ଲଘୁଚାପର ପ୍ରଭାବରେ ସମ୍ଭାବ୍ୟ ବୃଷ୍ଟିପାତକୁ ନଜରରେ ରଖି ହୀରାକୁଦ ଜଳଭଣ୍ଡାରର ଆଉ ୪ଟି ଗେଟ୍ ବନ୍ଦ କରାଯାଇଛି ।

ଗୋସମ୍ପଦର ସୁରକ୍ଷା ପାଇଁ ବନ୍ୟାଞ୍ଚଳରେ ୧୯୩ଟି ଭେଟେରିନାରୀ ଟିମ୍ ନିୟୋଜିତ ହୋଇଛନ୍ତି । ୨୮୫ଟି କ୍ୟାମ୍ପ ଆୟୋଜିତ ହୋଇଥିବାବେଳେ ପ୍ରାୟ ୧୦ ହଜାର ପଶୁଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି । ସେହିପରି କେନ୍ଦ୍ରାପଡା, ଖୋର୍ଦ୍ଧା, ନୟାଗଡ, ପୁରୀ, କଟକ, ଜଗତସିଂହପୁର ଓ ଯାଜପୁର ଜିଲ୍ଲାକୁ ୨୩୧.୪୫୩ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଓ ୫୧ ମେଟ୍ରିକ ଟନ୍ ଫଡର ଯୋଗାଇଦିଆଯାଇଛି ।

ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ବର୍ଷା ସହ ପବନ ହେବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ ବାରଣ କରାଯାଇଛି । ସମୁଦ୍ର ଓ ନଦୀକୁ ଯେଉଁମାନେ ମାଛ ଧରିବାକୁ ଯାଇଛନ୍ତି ସେମାନଙ୍କୁ ଫେରିଆସିବାକୁ କୁହାଯାଇଛି ।

ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ମହାନଦୀ ଉପର ମୁଣ୍ଡରେ ଓ ଇବ୍ ନଦୀ ଅବବାହିକାରେ ଅଧିକ ବର୍ଷା ହୋଇପାରେ । ପାଣିପାଗ ଆକଳନ ଦୃଷ୍ଟିରୁ ବୈତରଣୀ, ସୁବର୍ଣ୍ଣରେଖା, ବୁଢାବଲଙ୍ଗ ଓ ବ୍ରାହ୍ମଣୀ ନଦୀର ଜଳସ୍ତର ପ୍ରତି ନଜର ରଖାଯାଇଛି । ଭଦ୍ରକ ସହରର ସୁରକ୍ଷା ଦୃଷ୍ଟିରୁ ସାଳନ୍ଦୀ ନଦୀର ଜଳ ପ୍ରବାହ ଉପରେ ନଜର ରଖାଯାଇଛି ।

ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ପୁରୀ, ଯାଜପୁର ଜିଲ୍ଲାପାଳମାନଙ୍କୁ ସମ୍ଭାବ୍ୟ ଲଘୁଚାପ ଓ ତଦ୍‌ଜନିତ ବୃଷ୍ଟିପାତ ସମ୍ପର୍କରେ ସତର୍କ କରିଦିଆଯାଇଛି । ଆଜି ସ୍ୱତନ୍ତ୍ର ରିଲିଫ୍ କମିଶନର ଏହିସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବନ୍ୟାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ ।

୧୯ ତାରିଖ ସୁଦ୍ଧା ୧୪ଟି ଜିଲ୍ଲାକୁ ୧୬ଟି ଏନ୍‌ଡିଆର୍‌ଏଫ୍ ଟିମ୍, ୧୫ଟି ଓଡ୍ରାଫ୍ ଟିମ୍ ଓ ଅତିରିକ୍ତ ୪୮ଟି ଫାୟାର ସର୍ଭିସ୍ ଟିମ୍, ମୋଟ ୭୯ଟି ଟିମ୍ ମୁତୟନ କରାଯାଇଛି ।